# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**5 July – 2026**

**************************************

## ମୁଖ୍ୟ ସମ୍ବାଦ

- ପୁରୀରେ ଆସନ୍ତାକାଲି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ପ୍ରସ୍ତୁତି ଓ ପରିଚାଳନା ନେଇ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ
- ଚିଠା ଭୋଟର ତାଲିକାରେ ୩ କୋଟି ୧୩ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ଥିବା କହିଲେ ମୁଖ୍ୟ ନିର୍ବାଚନ ଅଧିକାରୀ
- ରାଜ୍ୟରେ ଭୂଦାନ ଜମିର ବଣ୍ଟନ ନେଇ ସ୍ଥଗିତାଦେଶ ଜାରି କଲେ ସରକାର

ଏବଂ

- ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ; ୭ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ସମ୍ଭାବନା

## ରଥଯାତ୍ରା ସମନ୍ୱୟ ବୈଠକ

ମହାପ୍ରଭୁ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଆସନ୍ତାକାଲି ପୁରୀରେ ଶେଷ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପ୍ରଶାସନିକ ସ୍ତରରେ ହୋଇଥିବା ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯିବ। ପୂର୍ବରୁ ଦ୍ୱିତୀୟ ସମନ୍ୱୟ ବୈଠକରେ ଆଇନ୍‌ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଅଧ୍ୟକ୍ଷତା କରିଥିବାବେଳେ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟାନ୍ୱୟନ ରିପୋର୍ଟ ବୈଠକରେ ଉପସ୍ଥାପନ କରାଯାଇଥିଲା। ତେବେ ଆସନ୍ତାକାଲିର ବୈଠକରେ ରଥ ନିର୍ମାଣଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ରଥଯାତ୍ରାର ନୀତିକାନ୍ତିକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନେଇ ସମୀକ୍ଷା କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ପରିମଳ ବ୍ୟବସ୍ଥା, ଟ୍ରାଫିକ୍ ସୁପରିଚାଳନା, ସୁରକ୍ଷା ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ପୁଲିସ୍ ସମନ୍ୱୟ ବୈଠକ

ରଥଯାତ୍ରାର ସୁପରିଚାଳନ ନେଇ ଆଜି ପୁରୀ ପୁଲିସ୍ ପକ୍ଷରୁ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟଠାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଆୟୋଜିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧିକ୍ଷକ କହିଥିଲେ, ରଥଯାତ୍ରା ବିଶ୍ୱପ୍ରସିଦ୍ଧ ଧାର୍ମିକ ମହୋତ୍ସବ ହୋଇଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ପୁରୀକୁ ଆସିଥାନ୍ତି। ସେମାନଙ୍କର ସୁରକ୍ଷା ଓ ନିର୍ବିଘ୍ନ ଦର୍ଶନ ପୁଲିସର ସର୍ବୋଚ୍ଚ ପ୍ରାଥମିକତା ବୋଲି ଶ୍ରୀ ସିଂ କହିଥିଲେ।

## ଅମୃତ ଭାରତ ଏକ୍ସପ୍ରେସ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ନିୟମିତ ଚଳାଚଳକୁ ଶୁଭାରମ୍ଭ କରିବେ। ଏହା ସହ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍ ଟ୍ରେନ ଚଳାଚଳର ମଧ୍ୟ ଶୁଭାରମ୍ଭ ହେବ। ପୂର୍ବରୁ ବ୍ରହ୍ମପୁର-ଉଧନା ଏକ୍ସପ୍ରେସ୍ ଟ୍ରେନ୍ ସପ୍ତାହକୁ ଥରେ ଏବଂ ପରେ ତିନିଦିନ ଚଳାଚଳ କରୁଥିଲା। ତେବେ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ପ୍ରତିଦିନ ଚଳାଚଳ କରିବା ଲାଗି ନିଷ୍ପତ୍ତି ନିଆଯାଇଛି।

ସେହିଭଳି ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍ ପୁରୀଠାରୁ ପ୍ରତ୍ୟେକ ସୋମବାର, ଗୁରୁବାର ଏବଂ ଶନିବାର ଚଳାଚଳ କରିବ ଏବଂ କୋରାପୁଟ ଠାରୁ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଏବଂ ରବିବାର ଚଳାଚଳ କରିବ।

## ଏସ୍‌ଆଇଆର

ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ- ଏସ୍.ଆଇ.ଆର.ର ପ୍ରକ୍ରିୟାରେ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏଥିରେ ୨୦ ଲକ୍ଷ ୧୪ ହଜାର ଭୋଟରଙ୍କୁ ବାଦ୍ ଦିଆଯାଇଥିବା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ୍ କହିଛନ୍ତି। ଭୁବନେଶ୍ୱର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ଗୋପାଳନ୍ କହିଛନ୍ତି, ରାଜ୍ୟରେ ପୂର୍ବରୁ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଭୋଟର ଥିବାବେଳେ ଚିଠା ଭୋଟର

ତାଲିକାରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୬ ଜଣ ପୁରୁଷ ଭୋଟର ଓ ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ ଜଣ ମହିଳା ଭୋଟର ରହିଛନ୍ତି। ସେହିଭଳି ୨ ହଜାର ୭୭୫ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ୮ ଲକ୍ଷ ୩୨ ହଜାର ମୃତ ବ୍ୟକ୍ତି, ୧୦ ଲକ୍ଷ  ୭ ହଜାର ସ୍ଥାନାନ୍ତରିତ ବା ଅନୁପସ୍ଥିତି, ୧ ଲକ୍ଷ ୫୮ ହଜାର ଏକାଧିକ ସ୍ଥାନରେ ପଞ୍ଜୀକୃତ ଓ ଅନ୍ୟ କାରଣ ପାଇଁ ୧୪ ହଜାର ଭୋଟର ତାଲିକାରୁ ବାଦ୍ ପଡିଛନ୍ତି।

ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିଠା ତାଲିକାରୁ ବାଦ୍ ଦେବା ସର୍ବୋଚ୍ଚ ପ୍ରାଥମିକତା ବୋଲି ଶ୍ରୀ ଗୋପାଳନ୍ କହିଛନ୍ତି।

**- V/O -**

ଆଜିଠାରୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ଚିଠା ତାଲିକା ସମ୍ବନ୍ଧୀୟ ଦାବି ଓ ଆପତ୍ତି ଗ୍ରହଣ କରାଯିବ । ଏସବୁର ଯାଞ୍ଚ ଓ ଫଇସଲା ଅଗଷ୍ଟ ମାସ ୪ତାରିଖରୁ ସେପ୍ଟେମ୍ବର  ମାସ ୨ତାରିଖ ମଧ୍ୟରେ ଶେଷ ହେବା ପରେ ସେପ୍ଟେମ୍ବର ୬ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ।

**ନୟାଗଡ଼** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଚିଠା ତାଲିକା ପ୍ରକାଶ ପାଇଛି।

ବର୍ତ୍ତମାନର ସଂଶୋଧନ ପରେ ଜିଲ୍ଲାରେ ୭ ଲକ୍ଷ ୩୮ ହଜାର ୩୧୦ ଜଣ ଭୋଟର ରହିଛନ୍ତି।

**ପୁରୀ** ଜିଲ୍ଲାରେ ଏସ୍‌ଆଇଆର ପରେ ଆଜି ପ୍ରକାଶିତ ଚିଠା ଭୋଟର ତାଲିକାରେ ମୋଟ ୧୩ ଲକ୍ଷ ୨ ହଜାର ୭୬୮ ଜଣ ଭୋଟର ରହିଛନ୍ତି।

**କନ୍ଧମାଳ** ଜିଲ୍ଲାରେ ୩୯ ହଜାର ୫୬ ଜଣଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି।

ସେହିଭଳି **କଟକ**ରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ୧୯ ଲକ୍ଷ ୩୦ ହଜାର ୬୧୫ ଜଣଙ୍କ ନାମ ରହିଛି।

**ଯାଜପୁର** ଜିଲ୍ଲାରେ ଏହି ତାଲିକାରେ ୧୪ ଲକ୍ଷ ୩୨ ହଜାର ୮୭ ଜଣଙ୍କୁ ସାମିଲ କରାଯାଇଛି।

**ରାୟଗଡ଼ା**ରେ ଚିଠା ଭୋଟର ତାଲିକାରେ ୭ ଲକ୍ଷ ୧୪ ହଜାର ୭୦୦ ଜଣ ମତଦାତାଙ୍କ ମଧ୍ୟରୁ ୯୩ ଦଶମିକ ୬/୩ ପ୍ରତିଶତ ଭୋଟରଙ୍କୁ ସାମିଲ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**କୋରାପୁଟ**ରେ ୯ ଲକ୍ଷ ୪ ହଜାର ୧୩୪ ଜଣ ମତଦାତା ତାଲିକାରେ ସାମିଲ ହୋଇଛନ୍ତି।

## ଭୂଦାନ ଜମି ବଣ୍ଟନ

ରାଜ୍ୟରେ ଭୂଦାନ ଜମିର ବଣ୍ଟନ ଏବଂ ମ୍ୟୁଟେସନ୍ ଉପରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସରକାର ସ୍ଥଗିତାଦେଶ ଜାରି କରିଛନ୍ତି। ଭୂଦାନ ଜମିର

ବଣ୍ଟନ କ୍ଷେତ୍ରରେ ପ୍ରଚଳିତ ନିୟମାବଳୀର ପାଳନ ଏବଂ ସମ୍ପୃକ୍ତ ଜମିର ଅଭିଲେଖର ଯଥାର୍ଥ ଯାଞ୍ଚ ବିନା ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଉଥିବାର ଦୃଷ୍ଟିଗୋଚର ହୋଇଛି। ଫଳରେ ମ୍ୟୁଟେସନ ଏବଂ ଜମି ପଟ୍ଟାରେ ଅନ୍ତର୍ଭୁକ୍ତି ସମୟରେ ଆଇନଗତ ଜଟିଳତା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏହି ନିଷ୍ପତ୍ତି ନେଇଛି।

ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ସମସ୍ତ ରାଜସ୍ୱ ଉପଖଣ୍ଡ ଆୟୁକ୍ତ-ଆରଡିସି, ପଞ୍ଜୀକରଣ ମହାନିରୀକ୍ଷକ, ଜିଲ୍ଲାପାଳ ଏବଂ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶାଳୟକୁ ଚିଠି ଲେଖି ନିର୍ଦ୍ଦେଶ ଜାରି କରିଛନ୍ତି। ପୂର୍ବରୁ ବଣ୍ଟନ ହୋଇ ମ୍ୟୁଟେସନ ସମ୍ପୂର୍ଣ୍ଣ ହୋଇଥିବା ଭୂଦାନ ଜମିର କୌଣସି ପ୍ରକାର ହସ୍ତାନ୍ତରକୁ ପଞ୍ଜୀକରଣ ଅଧିକାରୀମାନେ ତତ୍କାଳ ପ୍ରଭାବରୁ ପଞ୍ଜୀକୃତ କରିବେ ନାହିଁ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ସମସ୍ତ ଜିଲ୍ଲାପାଳଙ୍କୁ ଭୂଦାନ ଯଜ୍ଞସମିତିକୁ ଦାନ କରାଯାଇଥିବା ଜମି, ସେଥିରୁ ବଣ୍ଟନ ହୋଇଥିବା ଜମି, ହାଲ ଜମିପଟ୍ଟାରେ ରେକର୍ଡ ହୋଇଥିବା ଜମି ଏବଂ ହିତାଧିକାରୀଙ୍କ ସପକ୍ଷରେ ଜାରି ହୋଇଥିବା ଜମି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରମାଣିତ କରି ଏକମାସ ମଧ୍ୟରେ ସରକାରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଭାତୀ ପରିଡା

ରାଜ୍ୟରେ ମହିଳା ଓ ଶିଶୁଙ୍କ ବିକାଶ ସୁନିଶ୍ଚିତ କରିବା ସହିତ ଅଙ୍ଗନୱାଡୀ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । **ଦେବଗଡ଼** ଜିଲ୍ଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରେକ୍ଷାଳୟରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡା କହିଛନ୍ତି, ଏହି କାର୍ଯ୍ୟକ୍ରମ ମହିଳା ସଶକ୍ତୀକରଣର ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ସହ ତୃଣମୂଳସ୍ତରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସଶକ୍ତୀକରଣ, ଜୀବିକା ବିକାଶ ଏବଂ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ମତ ବିନିମୟ କରିଥିଲେ ।

## ଓଟିଇଟି

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି ଆଜି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ସମସ୍ତ ଜିଲ୍ଲାରେ ୩୧୧ଟି କେନ୍ଦ୍ରରେ ୯୭ହଜାର ୧୫୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍ ତିରୁମାଲା ନାୟକ କଟକର ବିଭିନ୍ନ ପରୀକ୍ଷା କେନ୍ଦ୍ର

ବୁଲି ଦେଖିବା ସହ ପରୀକ୍ଷାର୍ଥୀଙ୍କ ସହ ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି। ବାଲେଶ୍ୱରର ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ  ଅବପାତ ସୃଷ୍ଟି ହୋଇଛି। ଚାନ୍ଦବାଲିର ଉତ୍ତର-ପୂର୍ବଠାରୁ ଏହା କେନ୍ଦ୍ରୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି।

ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଓଡ଼ିଶା ଉପକୂଳ ବାଲେଶ୍ୱର ନିକଟ ଚାନ୍ଦବାଲି ଓ ଦୀଘା ମଧ୍ୟରେ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ  ଅଧିକ ସକ୍ରିୟ ହେବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ବରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗିର, ନୂଆପଡା, ବୌଦ୍ଧ, ଅନୁଗୁଳ ଓ ସମ୍ବଲପୁର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଗତ ଜୁନ୍ ମାସ ପହିଲାରୁ ଏପର୍ଯ୍ୟନ୍ତ ରାଜ୍ୟରେ ୨୬୫ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଯାହା ସ୍ୱାଭାବିକଠାରୁ ୪ ପ୍ରତିଶତ ଅଧିକ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର **ମନୋରମା ମହାନ୍ତି** କହିଛନ୍ତି:

**-V/O-**

ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ଅତ୍ୟଧିକ ବର୍ଷା ରେକର୍ଡ କରାଯାଇଛି। ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, କଳାହାଣ୍ଡି ଓ ନବରଙ୍ଗପୁରରେ ନିଅଣ୍ଟିଆ ବର୍ଷା ହୋଇଛି।

**ବୌଦ୍ଧ** ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଜରୁରିକାଳୀନ ବୈଠକ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ବିଡ଼ିଓ ଓ ତହସିଲଦାରମାନଙ୍କୁ ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରିବା ସହ କ୍ଷେତ୍ର ସ୍ତରରେ ନିରନ୍ତର ତଦାରଖ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।